# NATIONAL NEWS BULLETIN (ODIA)
## 10th October - 2026
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ଚେନ୍ନାଇରେ ଆସନ୍ତାକାଲି ୧୩ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ।

- ପଡ଼ୋଶୀ ରାଷ୍ଟ୍ରଗୁଡ଼ିକଙ୍କର ରଣନୈତିକ କାର୍ଯ୍ୟକଳାପ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଛି ବୋଲି ଭାରତ; କହିଲେ ପ୍ରତିରକ୍ଷା ମନ୍ତ୍ରୀ ।

- ମିଳିତ ଜାତିସଂଘ ସୁରକ୍ଷା ପରିଷଦର ସଂସ୍କାର ସହିତ ଭାରତ ଓ ଆଫ୍ରିକୀୟ ଦେଶଗୁଡ଼ିକର ଉପଯୁକ୍ତ ପ୍ରତିନିଧିତ୍ୱ ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।

ଏବଂ

- ଫ୍ଲାଏ ଦୁବାଇର ବିମାନ ଉଡ଼ାଣ ସମୟରେ କକ୍‌ପିଟ୍‌ରେ କ୍ୟାପ୍‌ଟେନ୍ ସ୍ମିଥ୍ ମାଚ୍ଛାରଙ୍କ ଉପରେ ହୋଇଥିବା ଆକ୍ରମଣ ସମ୍ପର୍କିତ ତଦନ୍ତ ଲାଗି ଏକ ମାମଲା ରୁଜୁ କଲା ଏନ୍.ଆଇ.ଏ. ।

# ପି.ଏମ୍. - ଚେନ୍ନାଇ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଚେନ୍ନାଇ ଗସ୍ତରେ ଯାଇ ୧୩ ହଜାର କୋଟିଟଙ୍କାର ବିଭିନ୍ନ ବିକାଶମୂଳକ ଯୋଜନାର ଶୁଭାରମ୍ଭ କରିବେ । ସେଥିମଧ୍ୟରେ ପୁନମାଲ୍ଲେ ଏବଂ ଭଡ଼ପଲାନି ମଧ୍ୟରେ ମେଟ୍ରୋ ରେଳସେବାର ଉଦ୍‌ଘାଟନ ଅନ୍ତର୍ଭୁକ୍ତ । ଆଭାସୀ ମାଧ୍ୟମରେ ମଧ୍ୟ ଶ୍ରୀମୋଦୀ ଏହି ଅବସରରେ ୫ଟି ଅମୃତ ଭାରତ ଷ୍ଟେସନ୍ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ପୋରୁର୍‌ଠାରୁ ପୁନମାଲ୍ଲେ ପର୍ଯ୍ୟନ୍ତ ଶ୍ରୀ ମୋଦୀ ମେଟ୍ରୋ ରେଳ ଯୋଗେ ଯାତ୍ରା କରିବେ। ପୋରୁର୍ ହ୍ରଦ ନିକଟସ୍ଥ ଜଳକଣ୍ଠେଶ୍ୱର ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିବାର ମଧ୍ୟ କାର୍ଯ୍ୟସୂଚୀ ରହିଛି । ଶ୍ରୀ ମୋଦୀଙ୍କ ସହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସି. ଯୋଶେଫ୍ ବିଜୟ ଯୋଗଦେବେ । ଏହାଛଡା ପ୍ରଧାନମନ୍ତ୍ରୀ' ଆଇଆଇଟି ମାଡ୍ରାସ୍‌ର ବ୍ରେନ୍ ସେଣ୍ଟରର ପରିଦର୍ଶନ କରିବେ । ସେଠାରେ ଏକ ପଦଯାତ୍ରାରେ ସାମିଲ ହେବା ସହ କେତେକ କଲ୍ୟାଣମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଦିଲ୍ଲୀ ପ୍ରତ୍ୟାବର୍ତ୍ତନ ପୂର୍ବରୁ ପ୍ରଧାନମନ୍ତ୍ରୀ ଜୟଗୋପାଳ ଗରୁଡ଼ିଆ ସମାରୋହରେ ମଧ୍ୟ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ରାଜନାଥ ତରଙ୍ଗ ଶକ୍ତି

ଭାରତ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକଙ୍କର ରଣନୀତିକ କାର୍ଯ୍ୟକଳାପ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ଆଜି ରାଜସ୍ଥାନର ଯୋଧପୁରଠାରେ ଭାରତୀୟ ବାୟୁସେନା ପକ୍ଷରୁ ଜାରି ରହିଥିବା 'ତରଙ୍ଗ ଶକ୍ତି-୨୦୨୬' କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ସିଂହ କହିଛନ୍ତି, ଆତ୍ମନିର୍ଭର ଭାରତ ଦୃଷ୍ଟିକୋଣ ଅନୁଯାୟୀ ଭାରତୀୟ ସଶସ୍ତ୍ର ବାହିନୀର ସାଙ୍ଗଠନିକ ବ୍ୟବସ୍ଥା, ଦକ୍ଷତା ଏବଂ ରଣନୈତିକ କୌଶଳରେ ଏକ ଗୁରୁତ୍ୱପୂର୍ଣ୍ଣ ରୂପାନ୍ତରୀକରଣ କରାଯାଉଛି । ତେବେ ଆତ୍ମନିର୍ଭର ଭାରତର ଅର୍ଥ ନୁହେଁ, ଭାରତକୁ ସମଗ୍ର ବିଶ୍ୱରୁ ଅଲଗା କରିବା; ବରଂ ଘରୋଇ ଦକ୍ଷତା ନିର୍ମାଣ ଦିଗରେ ବିକାଶ, ଉତ୍ପାଦନ, ପରିଚାଳନା ଏବଂ ଗୁରୁତର ପ୍ରତିରକ୍ଷା ବୈଷୟିକ ଜ୍ଞାନକୌଶଳଗୁଡ଼ିକର ଆଧୁନିକୀକରଣ କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ସିଂହ କହିଛନ୍ତି ।

ଏହି ବହୁରାଷ୍ଟ୍ରୀୟ ଆକାଶ କ୍ଷେତ୍ର ପ୍ରଦର୍ଶନୀ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂ ଭାରତୀୟ ବାୟୁସେନା କର୍ମଚାରୀଙ୍କ ସମେତ ଅଂଶଗ୍ରହଣକାରୀ ରାଷ୍ଟ୍ରର ବାୟୁସେନା ଅଧିକାରୀଙ୍କ ସହ ଭାବ ବିନିମୟ କରିଛନ୍ତି । ଏହି ଅବସରରେ ଆଧୁନିକ ଲଢୁଆ ବିମାନଗୁଡ଼ିକ ଦ୍ୱାରା ପ୍ରଦର୍ଶିତ ଏକ କାର୍ଯ୍ୟକ୍ରମକୁ ଶ୍ରୀ ସିଂ ନିରୀକ୍ଷଣ କରିଥିଲେ । ଅଂଶଗ୍ରହଣକାରୀ ରାଷ୍ଟ୍ରଗୁଡ଼ିକର ସେନା, ସେମାନଙ୍କର

କାର୍ଯ୍ୟଦକ୍ଷତା, ପ୍ରଯୁକ୍ତିବିଦ୍ୟା ଆଧାରିତ ସାମରିକ ପଦକ୍ଷେପ ଆଦି ପ୍ରଦର୍ଶନ କରିଥିଲେ ।

## ସେବା ସଙ୍କଳ୍ପ - ଜନଧନ ସ୍କିମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ପି.ଏମ୍. - ଜନଧନ ଯୋଜନା' ସମ୍ପର୍କରେ ସୂଚନା ପ୍ରଦାନ କରୁଛୁ ।

୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଦ୍ୱାରା ଶୁଭାରମ୍ଭ ହୋଇଥିବା ପି.ଏମ୍. ଜନଧନ ଯୋଜନା ବର୍ତ୍ତମାନ ଦେଶର ଆର୍ଥିକ ସମାବେଶ ଯାତ୍ରାର କେନ୍ଦ୍ରବିନ୍ଦୁ ପାଲଟିଛି । ବର୍ତ୍ତମାନ ସୁଦ୍ଧା ଅଣଷଠି କୋଟିରୁ ଊର୍ଦ୍ଧ୍ୱ ଜନଧନ ଆକାଉଣ୍ଟ ସୃଷ୍ଟି ହୋଇପାରିଛି । ଏହି ଯୋଜନାକୁ ବିଶ୍ୱର ସର୍ବବୃହତ୍ ଆର୍ଥିକ ସମାବେଶୀ ପଦକ୍ଷେପ ଭାବେ ପରିଚିତ ।

ପ୍ରତ୍ୟେକ ପରିବାର ଲାଗି ଏହି ଯୋଜନା' ବ୍ୟାଙ୍କିଂ ସୁବିଧା ଉପଲବ୍ଧ କରାଇବା ସହିତ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ବ୍ୟବସ୍ଥା ହିତାଧିକାରୀଙ୍କ ନିମନ୍ତେ ଭିତ୍ତିଭୂମି ସ୍ଥାପନ କରିବାରେ ସଫଳ ହୋଇଛି । ଏହାଦ୍ୱାରା ଜନକଲ୍ୟାଣ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ସମୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ତ୍ରୁଟି ସଂଶୋଧନ କରାଯାଇ ପ୍ରାୟ ସାଢ଼େ ୩ ଲକ୍ଷ କୋଟି ଟଙ୍କା ସଞ୍ଚୟ କରାଯାଇପାରିଛି । ଗତମାସରେ ନୂଆଦିଲ୍ଲୀସ୍ଥିତ ଶ୍ରୀରାମ କଲେଜ ଅଫ୍ କମର୍ସର ଶତବାର୍ଷିକୀ ସମାରୋହରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି, ପି.ଏମ୍. ଜନଧନ ଯୋଜନା ଭାରତର ବ୍ୟାଙ୍କିଂ ବ୍ୟବସ୍ଥାକୁ ରୂପାନ୍ତରିତ କରିବାରେ ସଫଳ ହୋଇଛି । ଫଳରେ ଦେଶର ପ୍ରାୟ ପ୍ରତ୍ୟେକ ପରିବାର ବର୍ତ୍ତମାନ ବ୍ୟାଙ୍କିଂ ସୁବିଧା ପାଇପାରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice (PM)*** :........

# ଭି.ପି. ଝାଡ଼ଖଣ୍ଡ ଭିଜିଟ

ଉଚ୍ଚମାନର ମେଡିକାଲ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଦେଶର କୋଣ ଅନୁକୋଣରେ ଉପଲବ୍ଧ କରାଇବା ଉପରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଗୁରୁତ୍ୱାରୋପ କରିଛନ୍ତି । ଆଜି ଝାଡ଼ଖଣ୍ଡର ଦେଓଘର ସ୍ଥିତ ଏମ୍ସ୍‌ର ଦ୍ୱିତୀୟ ସମାବର୍ତ୍ତନ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି ।

ଦେଓଘର ଏମ୍‌ସ୍‌କୁ କୁ ଉପରାଷ୍ଟ୍ରପତି ସନ୍ତୁଳିତ ଓ ସମାବେଶୀ ବିକାଶର ଏକ ଜ୍ୱଳନ୍ତ ପ୍ରତୀକ ଭାବେ ଅଭିହିତ କରିଛନ୍ତି । ଆଜିର ଏହି ସମାବର୍ତ୍ତନ ଉତ୍ସବରେ ଶ୍ରୀ ରାଧାକ୍ରିଷ୍ଣନ୍ କୃତୀ ଛାତ୍ରଛାତ୍ରୀଙ୍କୁ ପଦକ ପ୍ରଦାନ କରିଛନ୍ତି । ଏହି ସମାରୋହରେ ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗ୍‌ୱାଲ୍, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ମିନେରାଲ୍

ଦେଶବ୍ୟାପୀ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଗଚ୍ଛିତ ରଖିବା ନେଇ ଏକ ନୀତି ପ୍ରସ୍ତୁତି ଚାଲିଛି। ଆସନ୍ତା ଏକ ମାସ ମଧ୍ୟରେ ଏହି ନୀତିର ରୂପରେଖ ଜଣାପଡ଼ିବ ବୋଲି କେନ୍ଦ୍ର ଖଣି ସଚିବ କେଶବ ଚନ୍ଦ୍ର କହିଛନ୍ତି। ପ୍ରତିରକ୍ଷା, ମହାକାଶ ଓ ଶକ୍ତିକ୍ଷେତ୍ରଗୁଡ଼ିକରେ ଏହି ପଦାର୍ଥର ସୁଗମ ଯୋଗାଣକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଏହି ନୀତି ପ୍ରସ୍ତୁତ କରାଯାଉଛି ବୋଲି ଖଣି ସଚିବ କହିଛନ୍ତି। ଓଡ଼ିଶା ସମେତ ଗୁଜୁରାଟ, ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶରେ ଜାରି ରହିଥିବା ଚାରୋଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ପ୍ରକ୍ରିୟାକରଣ ପାର୍କ ପ୍ରସ୍ତୁତି ନେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି । ଏଥିରେ ଉପଯୋଗ ହେବାକୁ ଥିବା ବ୍ୟାଟେରୀ ପ୍ରସ୍ତୁତ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ବ୍ୟାଟେରୀରେ ଉପଯୋଗ ହେବାକୁ ଥିବା ସାମଗ୍ରୀର ବର୍ଦ୍ଧିତ ମୂଲ୍ୟକୁ ଦୃଷ୍ଟିରେ ରଖି ବିରଳ

ଖଣିଜ ପଦାର୍ଥର ଉପଯୋଗ ଉପରେ ଧ୍ୟାନ କେନ୍ଦ୍ରୀଭୂତ ହେଉଛି ବୋଲି ଶ୍ରୀ ଚନ୍ଦ୍ର କହିଛନ୍ତି। ସୂଚନାଯୋଗ୍ୟ' ତମ୍ବା, ଲିଥିୟମ, ନିକେଲ, କୋବାଲ୍ଟଭଳି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏହି ବ୍ୟାଟେରୀ ପ୍ରସ୍ତୁତି ପାଇଁ ଆବଶ୍ୟକ କଞ୍ଚାମାଲଭାବେ ବ୍ୟବହୃତ ହୋଇଥିଲା।

## ଜୟଶଙ୍କର - ଆଫ୍ରିକା

ମିଳିତ ଜାତିସଂଘ ସୁରକ୍ଷା ପରିଷଦର ସଂସ୍କାର ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗୁରୁତ୍ୱାରୋପ କରିଛନ୍ତି । ଭାରତ ଓ ଆଫ୍ରିକା ବୈଶ୍ୱିକ ନୀତି ନିର୍ଦ୍ଧାରଣ ବ୍ୟବସ୍ଥାରେ ଉପଯୁକ୍ତ ପ୍ରତିନିଧିତ୍ୱ ହାସଲ କରିବା ଉପରେ ଆଲୋକପାତ କରି ସେ ଏହା କହିଛନ୍ତି । ଆଜି ଇଥଇଓପିଆର ଆଡିସ୍ ଆବାବା ସ୍ଥିତ ଆଡ୍ୱା ଭିକ୍ଟୋରୀ ମେମୋରିଆଲ୍ ମ୍ୟୁଜିୟମ୍ ପରିଦର୍ଶନ ସମୟରେ ଉପସ୍ଥିତ ଜନସମାବେଶକୁ ଉଦ୍‌ବୋଧନ ଦେଇ ଡକ୍ଟର ଜୟଶଙ୍କର ଏହି ମତ ବ୍ୟକ୍ତ କରିଛନ୍ତି । ମିଳିତ ଜାତିସଂଘର ସୁରକ୍ଷା ପରିଷଦର ଉଭୟ ସ୍ଥାୟୀ ଓ ଅସ୍ଥାୟୀ ସଦସ୍ୟ ରୂପେ ଆଫ୍ରିକୀୟ ଦେଶଗୁଡ଼ିକର ଉପଯୁକ୍ତ ପ୍ରତିନିଧିତ୍ୱ ଲାଗି ସେ ଆହ୍ୱାନ ଦେଇଛନ୍ତି । ୨୦୨୩ ଭାରତର ଜି-ଟ୍ୱେଣ୍ଟି ଅଧ୍ୟକ୍ଷତା କାର୍ଯ୍ୟକାଳରେ ଆଫ୍ରିକୀୟ ସଂଘକୁ

ଏହି ଗୋଷ୍ଠୀର ସ୍ଥାୟୀ ସଦସ୍ୟ କରାଇବା ଦିଗରେ ଭାରତର ପ୍ରଚେଷ୍ଟାକୁ ଏହି ଅବସରରେ ଡକ୍ଟର ଜୟଶଙ୍କର ଦୋହାଇଛନ୍ତି ।

ତିନିଦେଶୀୟ ଆଫ୍ରିକୀୟ ରାଷ୍ଟ୍ର ଗସ୍ତର ଅନ୍ତିମ ପର୍ଯ୍ୟାୟରେ ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ' ଆଫ୍ରିକା ସହିତ ପ୍ରାୟ ଶହେ ବିଲିୟନ୍ ଆମେରିକୀୟ ଡଲାରର ଦ୍ୱିପକ୍ଷୀୟ ବାଣିଜ୍ୟ କାରବାର କରିବା ସହିତ ଏହାର ଚତୁର୍ଥ ସର୍ବବୃହତ୍ ବାଣିଜ୍ୟିକ ଭାଗିଦାରୀ ଦେଶ ଭାବେ ଉଭା ହୋଇଛି । ଏତଦ୍ ବ୍ୟତୀତ ୪ ଦଶମିକ ୫ ବିଲିୟନ ଡଲାର ମୂଲ୍ୟର ୨୨୦ରୁ ଊର୍ଦ୍ଧ୍ୱ ଭାରତୀୟ ସମର୍ଥିତ ବିକାଶମୂଳକ ପ୍ରକଳ୍ପମାନ ମଧ୍ୟ ଆଫ୍ରିକାର ବିଭିନ୍ନ ସ୍ଥାନରେ ସମ୍ପନ୍ନ ହୋଇଛି । ଆଫ୍ରିକା ସହିତ ଖାଦ୍ୟ ସୁରକ୍ଷା, କୃଷି ଓ ନିରନ୍ତର ବିକାଶ କ୍ଷେତ୍ରରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ସହିତ ଏହି ମହାଦେଶରେ ଭାରତୀୟ ବ୍ୟବସାୟୀମାନେ ନିବେଶ କରିବାକୁ ଡକ୍ଟର ଜୟଶଙ୍କର ଆହ୍ୱାନ ଦେଇଛନ୍ତି ।

## ଏନ୍.ଆଇ.ଏ. – ଦୁବାଇ

ଗତମାସରେ ଫ୍ଲାଏ ଦୁବାଇର ଏକ ବିମାନ ଆକାଶରେ ଉଡ଼ାଣ କରୁଥିବା ସମୟରେ କକ୍‌ପିଟ୍‌ରେ କର୍ତ୍ତବ୍ୟରତ କ୍ୟାପ୍‌ଟେନ୍ ସ୍ମିଥ୍ ମାଛାରଙ୍କ ଉପରେ ହୋଇଥିବା ଆକ୍ରମଣ ସମ୍ପର୍କରେ ତଦନ୍ତ କରିବା ଲାଗି ଜାତୀୟ ତଦନ୍ତ ସଂସ୍ଥା – ଏନ୍.ଆଇ.ଏ. ଏକ ମାମଲା ରୁଜୁ କରିଛି । ବିମାନ ଅପହରଣ ନିରୋଧୀ

ଆଇନ-୨୦୧୬ ଏବଂ ବେଆଇନ କାରବାର ନିବାରଣ ଆଇନ-୧୯୬୭ ଅନୁଯାୟୀ ଏହି ମାମଲା ରୁଜ୍ଜୁ କରାଯାଇଛି । ଏଠାରେ ସୂଚନା ଦିଆଯାଇପାରେ, ଗତମାସ ୩୦ ତାରିଖ ଦିନ ଦୁବାଇରୁ ତେଲ୍ ଆଭିଭ୍ ଅଭିମୁଖେ ଯାତ୍ରା କରୁଥିବା ସମୟରେ ସମ୍ପୃକ୍ତ ବିମାନର କୋ-ପାଇଲଟ୍‌ଙ୍କ ଆକ୍ରମଣରେ ଗୁଜରାଟ୍‌ର କ୍ୟାପ୍‌ଟେନ ମାଛାର ଗୁରୁତର ଆହତ ହୋଇଥିଲେ । ସମ୍ପୃକ୍ତ ବିମାନରେ ୨୭ ଶିଶୁଙ୍କ ସମେତ ୧୭୪ ଜଣ ଯାତ୍ରୀ ଥିଲେ । ଆକ୍ରମଣରେ ଆହତ ହେବା ସତ୍ତ୍ୱେ ନିଜ ଜୀବନକୁ ବାଜି ଲଗାଇ କ୍ୟାପ୍‌ଟେନ୍ ମାଛାର ଯାତ୍ରୀମାନଙ୍କ ଜୀବନ ବଞ୍ଚାଇ ଯେଉଁ ଅଦମ୍ୟ ସାହସ ଦେଖାଇଛନ୍ତି, ସେଥିଲାଗି ବିଶ୍ୱବ୍ୟାପ ବହୁ ନେତୃବୃନ୍ଦ ଏହାର ପ୍ରଶଂସା କରିଛନ୍ତି ।

## ବି.ଜେ.ପି. - ଅପୋଜିସନ୍

ନିକଟରେ ଅନୁଷ୍ଠିତ ବିଭିନ୍ନ ଉପନିର୍ବାଚନରେ ବି.ଜେ.ପି.ର ବିଜୟଦ୍ୱାରା ଦେଶବ୍ୟାପୀ ଅରାଜକତା ସୃଷ୍ଟି କରିବାକୁ ଚାହୁଁଥିବା ଶକ୍ତିଗୁଡ଼ିକର ପଦକ୍ଷେପକୁ ଗଣତନ୍ତ୍ର ନଷ୍ଟ କରିଦେଉଛି ବୋଲି ବି.ଜେ.ପି. ସାଂସଦ ରବିଶଙ୍କର ପ୍ରସାଦ କହିଛନ୍ତି । ଆଜି ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ସଂସଦକୁ ନିର୍ବାଚିତ ଜନ ପ୍ରତିନିଧିମାନଙ୍କର ଉତ୍ତରଦାୟିତ୍ୱ ସହିତ ଗଣତାନ୍ତ୍ରିକ ବ୍ୟବସ୍ଥା ମାଧ୍ୟମରେ ଦେଶରେ ଶାସନ ବ୍ୟବସ୍ଥା ଜାରି ରହିଛି । ବି.ଜେ.ପି. କୌଣସି ଶାନ୍ତିପୂର୍ଣ୍ଣ

ପ୍ରତିବାଦର ବିରୋଧୀ ନୁହେଁ । ମାତ୍ର ନିର୍ବାଚନରେ ହୋଇଥିବା ପରାଜୟକୁ ଭରଣା କରିବା ଲାଗି ବିରୋଧୀଦଳଗୁଡ଼ିକ ରାଜପଥରେ ପ୍ରତିବାଦ କରିବା ଆଦୌ ଶୋଭନୀୟ ନୁହେଁ । ଗତ ତିନି ଚାରି ଦିନ ଧରି ଏଭଳି ପ୍ରତିବାଦ ଲାଗି ଦିଲ୍ଲୀବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିସହିତ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ଭାବମୂର୍ତ୍ତିକୁ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ନଷ୍ଟ କରୁଛନ୍ତି ବୋଲି ଶ୍ରୀ ପ୍ରସାଦ ଅଭିଯୋଗ କରିଛନ୍ତି ।

***Voice (R.S. Prasad)*** :........

## ରୁଷ୍ - ୟୁକ୍ରେନ୍

ୟୁକ୍ରେନ୍‌ର ଜାପୋରିଝିଆ ଅଞ୍ଚଳ ଉପରେ ରୁଷ୍ ଆକ୍ରମଣ ଫଳରେ ଅନ୍ତତଃ ୧୫ ଜଣଙ୍କର ମୃତ୍ୟୁ ହେବା ସହିତ ୧୬ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ରୁଷ୍‌ର ଡିଜେଲ୍ କିଣିବା ଲାଗି ଏକ ଚୁକ୍ତି ସମ୍ପର୍କରେ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିବା ପରେ ଏହି ଆକ୍ରମଣ କରାଯାଇଛି ବୋଲି ସରକାରୀ ଭାବେ କୁହାଯାଇଛି । ରୁଷ୍‌ର ଏହି ଆକାଶମାର୍ଗରୁ ଆକ୍ରମଣଦ୍ୱାରା ସମ୍ପୃକ୍ତ ଅଞ୍ଚଳରେ ଆବାସିକ ଅଟ୍ଟାଳିକାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି ବୋଲି ୟୁକ୍ରେନ୍‌ର ଆଞ୍ଚଳିକ ସାମରିକ ପ୍ରଶାସନିକ ମୁଖ୍ୟ ମିଖାଇଲୋ ସେମିକିନ୍ ଅଭିଯୋଗ କରିଛନ୍ତି ।

*****